# ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା



ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଡିଜେ)ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବଇଣ୍ଡା,୮।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ସିଭିଲ କୋର୍ଟରେ ଅତିରିକ୍ତ ଜିଲା ଓ ଦୌରାଜଜ୍(ଏଡିଜେ) ଭାବେ କାର୍ଯ୍ୟରତ ଲକ୍ଷ୍ମୀନାରାୟଣ ରାୟଚୌଧୁରୀଙ୍କ କଟକ ବଦଳି ହୋଇଛି। ଜଷ୍ଟିସ ଚୌଧୁରୀ ଆଠମଲ୍ଲିକ ଠାରେ ଦୀର୍ଘ ଅଢ଼େଇବର୍ଷ ହେଲା ଅତିରିକ୍ତ ଜିଲା ଓ ଦୌରାଜଜ୍ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଆଇନଜୀବୀମାନଙ୍କ ସହ ଉତ୍ତମ ବ୍ୟବହାର ଓ ଅମ୍ବିୟତା ଯୋଗୁ ସେ ବେଶ୍ ପ୍ରଶଂସାଭାଜନ ହୋଇପାରିଥିଲେ। ଏହି ଅବସରରେ ତାଙ୍କୁ ଶନିବାର ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପୋକସୋ ଅତିରିକ୍ତ ଜିଲାଜଜ୍ ସୌମ୍ୟା ଶୁଭଦର୍ଶିନୀ ଓ ଆଠମଲ୍ଲିକ ସବଜଜ୍ ଶୁଭଙ୍କର ମିଶ୍ରଙ୍କ ସମେତ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା, ଉପସଭାପତି ଉଗ୍ରସେନ ସେଠୀ, ସମ୍ପାଦକ ଜିତେନ୍ଦ୍ର କୁମାର ମୁଖୀ, କୋଷାଧ୍ୟକ୍ଷ ବିଶ୍ୱସୁନ୍ଦର ଶତପଥୀ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ, ସ୍ୱତନ୍ତ୍ର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅନ୍ତର୍ଯ୍ୟାମୀ ରାଉଳ, ସରକାରୀ ଓକିଲ ରଞ୍ଜନ କୁମାର ବେହେରା, ବରିଷ୍ଠ ଆଇନଜୀବୀ ଜିତେନ କୁମାର ମିଶ୍ର, ବିଦ୍ୟୁତ୍ କୁମାର ପାଣିଗ୍ରାହୀ, ଭବାନୀ ଜ୍ୟୋତିଷରାୟ, ଅବନୀ କୁମାର ଆଚାର୍ଯ୍ୟ, ସୁଧାଂଶୁ ଶତପଥୀ, ସୁନୀଲ କୁମାର ଶାସନି, ଗଣେଶ ଚନ୍ଦ୍ର କର୍ମୀ, ଅଲେଖ ଚନ୍ଦ୍ର କର୍ମୀ, ପୀତବାସ ସାହୁ, ମାଧବ ଚନ୍ଦ୍ର ସାହୁ, ବିନାୟକ ଗୋଦୁକା, ସୁନୀଲ କୁମାର ପ୍ରଧାନଙ୍କ ସମେତ ଅନେକ ଆଇନଜୀବୀ ଉପସ୍ଥିତ ଥିଲେ।

# ଶ୍ରୀକାନ୍ତଙ୍କୁ ଦିବ୍ୟସିଂହ ପଟ୍ଟନାୟକ ସ୍ମୃତି ସମ୍ମାନ

ଛେଣ୍ଡିପଦା,୮।୧(ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁଙ୍କୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ବୁଧବାର ଦିବ୍ୟସିଂହ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟ ଓଷ୍ଟା ପକ୍ଷରୁ କଟକଠାରେ ଆୟୋଜିତ ଶିଶୁ ମହୋତ୍ସବର ପୂଜ୍ୟପୂଜା ଓ ପ୍ରତିଭା ସମ୍ମାନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଶ୍ରୀକାନ୍ତଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ସେ ପ୍ରଧାନ ଶିକ୍ଷକ ଥିବା ସହିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ର ଉପସଭାପତି ଭାବେ କାର୍ଯ୍ୟରତ ଅଛନ୍ତି। ଓଷ୍ଟାର ତୃଣମୂଳସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟକରି ସେ ତାଙ୍କର ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। କାର୍ଯ୍ୟକ୍ରମରେ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସଙ୍କ ସମେତ ଓଷ୍ଟାର ବହୁ ବରିଷ୍ଠ ସଦସ୍ୟ ଯୋଗଦେଇଥିଲେ।



# ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଚକ୍ଷୁ ଚିକିତ୍ସା ଶିବିର



ଚକ୍ଷୁ ଚିକିତ୍ସା ଶିବିର।

ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ବୁଧବାର ପୂର୍ବାହ୍ନରେ ସହରସ୍ଥିତ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆଠାରେ ଏକ ଦୁଇଦିନିଆ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଯାନବାହାନ ଚାଳକଙ୍କର ଚକ୍ଷୁ ପରୀକ୍ଷା ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ସହିତ ଚକ୍ଷୁର ଅବସ୍ଥା ଠିକ୍ ରହିଲେ ଗାଡ଼ିଚାଳକମାନେ ନିଶ୍ଚିତ ଭାବେ ଦୁର୍ଘଟଣାରୁ ରକ୍ଷାପାଇ ଧନଜୀବନ ସୁରକ୍ଷିତ ରଖିପାରିବେ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଶିବିରରେ ଯୋଗଦେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଚକ୍ଷୁ ପରୀକ୍ଷା ଦ୍ୱାରା ଗାଡ଼ି ଚାଳକମାନେ ଦୁର୍ଘଟଣାକୁ ରୋକିପାରିବେ ଏବଂ ଫଳରେ ମୃତ୍ୟୁହାର ଶୂନ୍ୟ କରାଇବା ପାଇଁ ଉଦ୍ୟମ ହୋଇପାରିବ। ଶିବିରରେ ୮୦ଜଣ ଚାଳକ ଓ ହେଲପରମାନଙ୍କର ବିଶେଷଜ୍ଞମାନଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ହୋଇଥିଲା। ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ରାପିଡ ରେସପନ୍ସ ଦଳର ଜିଲା ସଂଯୋଜକ ବିରଞ୍ଚି ନାରାୟଣ ପାଣି ଓ ସଡ଼କ ସୁରକ୍ଷା କମିଟିର ସଦସ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଯୋଗ ଦେଇଥିଲେ।

# ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭୁବନ, ୮।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକର ନିନ୍ଦା ତପୋବନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଛି। ଏହି ଶିବିର ୧୦ ଦିନ ଧରି ଚାଲିବ। ଏହି ଶିବିରକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁଗଳ କିଶୋର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଦ୍ୟାଳୟର ୭୫ଜଣ ଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ସେଥିରେ ପ୍ରଶିକ୍ଷକ ତଥା ମାଷ୍ଟର ଟ୍ରେନର ଶୋଭାରାଣୀ ନାୟକ ଯୋଗଦେଇ ଛାତ୍ରୀମାନେ ନିଜକୁ ନିଜେ ଆତ୍ମ ସୁରକ୍ଷା ପାଇବା ପାଇଁ ବିଭିନ୍ନ ପ୍ରକ୍ରିୟା ଓ କୌଶଳ ଲାଭ କରିଥିଲେ। କାର୍ଯ୍ୟକ୍ରମକୁ ଶାରୀରିକ ଶିକ୍ଷକ ଶିରମଣ ଜେନା ପରିଚାଳନା କରୁଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବିବେକାନନ୍ଦ ତରାଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେଥିରେ ସମସ୍ତ ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଗ୍ରନ୍ଥାଗାରିକ ଶ୍ରୀକାନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଷ୍ଟିହୀନ, ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ




ପବିତ୍ରନଗର,୮।୧
(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ଉତ୍କଳମଣି ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତି ପକ୍ଷରୁ ବାର୍ଷିକ ଶୀତକାଳୀନ ବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଣିହାଁ ପ୍ରଜାମଣ୍ଡଳ ଭବନ ପରିସରରେ ସମିତି ସଭାପତି ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ. କେ. ସେହଗଲ, ସମ୍ମାନିତ ଅତିଥି ଭାବେ ଏଜିଏମ (ଏଚଆର)ସୁଜିତା ରଥ, ସିନିୟର ମ୍ୟାନେଜର (ଏଚଆର) ଜିତେନ୍ଦ୍ର କୁମାର ପ୍ରମୁଖ ଯୋଗଦେଇ ୮୩୦ ଦୃଷ୍ଟିହୀନ, ଦିବ୍ୟାଙ୍ଗଙ୍କୁ ଶୀତକାଳୀନ ବସ୍ତ୍ର ବଣ୍ଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ସମସ୍ତ ଦିବ୍ୟାଙ୍ଗ ଓ ଦୃଷ୍ଟିହୀନଙ୍କ ଶୁଭ ମନାସିଥିଲେ। ସାମାଜିକ କର୍ମୀ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମିତି ସମ୍ପାଦକ କାଳନ୍ଦୀ ଚରଣ ପ୍ରଧାନ ସମ୍ପାଦକୀୟ ପଠନ କରିଥିଲେ। ଉଷାରାଣୀ ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦେବଦତ୍ତ ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମକର ସଂକ୍ରାନ୍ତିରେ କଳମୁଛୁଇଁଠାରେ ଆଉ ଏକ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ରହିଥିବା ସମିତି ପକ୍ଷରୁ ପ୍ରକାଶ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମରେ ଦିଲୀପ ପ୍ରଧାନ, ସୁନୀଲ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ରୋହିତ ସାହୁ, ସମରବଲ୍ଲଭ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରାରମ୍ଭରେ ଅତିଥିଗଣ ଗୋପବନ୍ଧୁ, ମହାତ୍ମାଗାନ୍ଧୀ ଓ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ କପିଳେଶ୍ୱର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସବୁ ବର୍ଷଭଳି ଏନ୍‌ଟିପିସି ପକ୍ଷରୁ ଟେଣ୍ଟ ଓ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

# ସ୍ୱର୍ଗତ ପୁରାତନ ଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା

ଖମାର,୮।୧ (ରଜନୀକାନ୍ତ ମହାରଣା)

ପାଲଲହଡ଼ା ଉପଖଣ୍ଡ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାପୀଠ ଶଙ୍ଖପୁରର ୨୦୦୫ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୭ ଜଣ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମିଳନ ମନୋରଞ୍ଜନ ପ୍ରଧାନ ଓ ରଜନୀକାନ୍ତ ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଣ ହରାଇଥିବା ୨ ଜଣ ପୁରାତନ ଛାତ୍ରଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମନମୋହନ ବେହେରା, ସ୍ୱପ୍ନେନ୍ଦୁ ପ୍ରଧାନ, ଶିବପ୍ରସାଦ ବେହେରା, ରମାକାନ୍ତ ସାହୁ, ବିଷ୍ଣୁ ବେହେରା, ରାଜ୍ୟଶ୍ରୀ ପ୍ରଧାନ, ରଶ୍ମିତା ମିଶ୍ର, ଦୀପି ସାହୁ, ତପସ୍ୱିନୀ ମହାପାତ୍ର, ରୀନା ବିଶ୍ୱାଳ, ରେଣୁବାଳା ବେହେରା, ରଶ୍ମିତା ଦେହୁରୀ, ବିଷ୍ଣୁପ୍ରିୟା ପ୍ରଧାନ, ପୁଷ୍ପଲତା ପ୍ରଧାନ, ପ୍ରତିମା ମହାକୁଲ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

# ସନ୍ତୋଷ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



ଭାରତୀୟ ବଧିର କ୍ରିକେଟ୍ ଟିମ୍ ସଦସ୍ୟ ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପବିତ୍ରନଗର,୮।୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ଖେଳରେ ଉତ୍ତରପ୍ରଦେଶର ଏନ୍‌ଏନ୍‌ଏସ୍ ଟିମକୁ ହରାଇ ତାଳଚେରର ୟୁଥ ସ୍ପୋର୍ଟିଂ ଟିମ୍ ବିଜୟଲାଭ କରିଛି। ଏହି ଅବସରରେ ୟୁଥ୍ ସ୍ପୋର୍ଟିଂ ଟିମ୍‌ର ଖେଳାଳି ତଥା ଭାରତୀୟ ବଧିର କ୍ରିକେଟ୍ ଟିମ୍ ସଦସ୍ୟ ସନ୍ତୋଷ କୁମାର ମହାପାତ୍ରଙ୍କୁ ପବିତ୍ରନଗର କ୍ଲବ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମ୍ୟାଚ ଶେଷରେ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଜିବି ବ୍ରାଞ୍ଚ ମ୍ୟାନେଜର ସୁଶୀଲ କୁମାର ସାହୁ ଓ କ୍ଲବ ସଭାପତି ଅଜୟ ପ୍ରଧାନ ସନ୍ତୋଷଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ମହିଳା କଲେଜରେ ବାର୍ଷିକ କ୍ରୀଡ଼ା

ଭୁବନ, ୮।୧(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜର ମଙ୍ଗଳବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ କଲେଜ ଅଧ୍ୟକ୍ଷ ଦିଲୀପ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କଲେଜର ଖେଳାଳିମାନଙ୍କ ଦ୍ୱାରା ନୂଆ ଭୁବନ ଶିବ ମନ୍ଦିରରୁ ମଶାଲ ଅଣାଯାଇଥିଲା। ଛାତ୍ରୀମାନେ ମଶାଲକୁ ନେଇ ସହର ପରିକ୍ରମା କରିବା ପରେ କଲେଜଠାରେ ପହଞ୍ଚିଥିଲେ। ସେଥିରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସୁପ୍ତିମୟୀ ସେନ, ବରିଷ୍ଠ ଅଧ୍ୟାପିକା ଡ଼ ମମତା ପାତ୍ର, କ୍ରୀଡ଼ା ବିଭାଗ ଅଧ୍ୟାପିକା ପ୍ରଣତୀ ବେହେରା ଓ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରୀମାନଙ୍କ ଶରୀର ପାଇଁ କେତେ ହିତକର ଓ ନିଜକୁ କିପରି ସୁସ୍ଥ ବାତାରଣରେ ପହଞ୍ଚାଇବାର ସହାୟକ ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ବିଭିନ୍ନ କ୍ରୀଡାରେ ଭାଗ ନେଇଥିଲେ। ଶିକ୍ଷୟତ୍ରୀ ବାସନ୍ତୀ ବେହେରା ଓ ଶିକ୍ଷକ ଗଦାଧର ସାହୁ ପରିଚାଳନା କରିଥିଲେ। ଯୁକ୍ତ ୩ରେ ଶ୍ରେଷ୍ଠ ଖେଳାଳି ଭାବେ ମାମା ମହନ୍ତ ଓ ଯୁକ୍ତ ୨ରେ ଶ୍ରେଷ୍ଠ ଖେଳାଳି ଭାବେ ମନିଷା ମହନ୍ତ ଚୟନ ହୋଇଥିଲେ।

# ଅସହାୟଙ୍କୁ କମ୍ବଳ ବଣ୍ଟନ

ଓଡ଼ାପଡ଼ା, ୮।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଗୁଡିଆକାଟେଣି ସ୍ଥିତ ଚୌଧୁରୀମଲ୍ଲ ଠାରେ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଚନ୍ଦ୍ରଶେଖର ସାହୁ, ବିଭୂତି ଭୂଷଣ ସାହୁ, ବରିଷ୍ଠ ଖବରଦାତା ରବିନାରାୟଣ ବେହେରା ଯୋଗଦେଇଥିଲେ। ପ୍ରବଚକ ପ୍ରତାପ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ବିଭୂତି ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ୨୦୦ରୁ ଅଧିକ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚୋଧୁରୀ ମଲ୍ଲର ବିଶ୍ୱରଞ୍ଜନ ସାହୁ, ବିକାଶ ରଞ୍ଜନ ସାହୁ, ବିଭାସ ରଞ୍ଜନ ସାହୁ, ବିଦ୍ମେଶ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ ଚୌଧୁରୀମଲ୍ଲର କର୍ମଚାରୀମାନେ ସହଯୋଗ କରିଥିଲେ।

# ପ୍ରବାସୀ ଭାରତୀୟ ଦିବସ ପାଇଁ ସଚେତନତା ପଦଯାତ୍ରା



ଓଡ଼ପଡ଼ା, ୮।୧ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଜନସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ପ୍ରାଧ୍ୟାପକ ଡ. ତପନ କୁମାର ପଣ୍ଡା ଓ ଗୁରୁଚରଣ ରାଉତରାୟଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମହାବିଦ୍ୟାଳୟରୁ ଓଡ଼ାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା କରିଥିଲେ। ଛାତ୍ରୀଛାତ୍ରମାନେ 'ଆମ ଭାରତ ଆମ ଗୌରବ' ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ। ଏନ୍‌ସିସି ଅଧିକାରୀ ଲେପ୍ଟନାଣ୍ଟ ଅକ୍ଷୟ କୁମାର ସାହୁ, ଏନ୍‌ଏସ୍‌ଏସ ଅଧିକାରୀ ଅଧ୍ୟାପକ ବିଜୟ କୁମାର ସାହୁ, ରୋଭର ରେଞ୍ଜର୍ସ ଅଧିକାରୀ ଅଧ୍ୟାପକ ଅଜୟ କୁମାର ପଧାନ, ଯୁବ ରେଡକ୍ରସ ଅଧିକାରୀ ଡ. ବଳରାମ ପୃଷ୍ଟି, ଅଧ୍ୟାପକ ଡ. ଦେବାନନ୍ଦ ଦାସ, ପ୍ରଣବ କୁମାର ହୋତା ଓ ଅଧ୍ୟାପିକା ନୟନା ବରାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତି, ଶୃଙ୍ଖଳାର ସହ ପଦଯାତ୍ରାକୁ ସମାପନ କରିବା ପାଇଁ ମୋଟଙ୍ଗା ଥାନା ପକ୍ଷରୁ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ପଦଯାତ୍ରାରେ ସାମିଲ କରାଯାଇଥିଲା। ମହାବିଦ୍ୟାଳୟର ବରିଷ୍ଠ କିରାଣି ଦିଲୀପ କୁମାର ପୃଷ୍ଟି, ଶିଶିର କୁମାର ବେହେରା, ଦୀପକ ରଞ୍ଜନ ପଟ୍ଟନାୟକ ସହଯୋଗ କରିଥିଲେ।

# ତାଳଚେର ଡିଭିଜନସ୍ତରୀୟ ବୈଠକ

ତାଳଚେର,୮।୧ (ମନୋଜ ନନ୍ଦ)

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ତାଳଚେର ଡିଭିଜନସ୍ତରୀୟ ବୈଠକ ପରଜଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘ କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ଓ ସାଧାରଣ ସମ୍ପାଦକ ଅମର ଯୁମର ପ୍ରତାପ ସିଂ ଅଧ୍ୟକ୍ଷତା କରିଥିଲେ। ପଙ୍କଜ ତ୍ରିପାଠୀ, ପ୍ରିୟବ୍ରତ ନାୟକ ନୂତନ ଭାବେ ସଦସ୍ୟତା ଗ୍ରହଣ କରିଥିବା କର୍ମଚାରୀଙ୍କୁ ସୁରକ୍ଷା ନିୟମ ଠିକ ଭାବେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶେଷରେ ସମସ୍ତେ ଏକମନ, ଏକପ୍ରାଣ ହୋଇ ଆଗାମୀ ଦିନରେ ତାଳଚେର ଡିଭିଜନକୁ ସଶକ୍ତ କରିବା ପାଇଁ ନିଷ୍ପତ୍ତି ନେଇଥିବା ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ତାଳଚେର ଡିଭିଜନ ସମ୍ପାଦକ ପ୍ରେସ ବିଜ୍ଞପ୍ତି ଜଣାଇଛନ୍ତି।

# ଶହୀଦ ମେମୋରିଆଲ ଫୁଟ୍‌ବଲ କପ୍ ଉଦ୍‌ଘାଟିତ



ତାଳଚେର,୮।୧ (ମନୋଜ ନନ୍ଦ)

ଶହୀଦ ମେମୋରିଆଲ ଫୁଟ୍‌ବଲ କପ୍ ତାଳଚେର ଦେଉଳବେଡା ଗ୍ରୀନଗ୍ରାସ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ତାଳଚେର ଗ୍ରୀନଗ୍ରାସ ସ୍ପୋର୍ଟ୍ସ କ୍ଲବ ସଭାପତି ହରେଶ ଦାସଙ୍କ ସଭାପତିତ୍ୱରେ ଖେଳ ଅନୁଷ୍ଠିତ ହୋଇଥିଲା। କ ପ୍ରକାଶ ମହାରଣା ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ତାଳଚେରର ବୀର ଶହୀଦ ଦିବାକର ଗଡ଼ନାୟକଙ୍କ ସ୍ତ୍ରୀ ପୂର୍ଣ୍ଣିମା ଗଡ଼ନାୟକ, ବୀର ଶହୀଦ ରଞ୍ଜନ ମହାନ୍ତିଙ୍କ ପିତା ପ୍ରଫୁଲ୍ଲ ମହାନ୍ତି ଓ ବୀର ଶହୀଦ ରାଣାପ୍ରତାପ ଦାସଙ୍କ ପିତା ଶ୍ରୀବସ୍ତ ଦାସ ଅତିଥିଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ସୈନିକ ପଙ୍କଜ ଲୋଚନ ଆୟଚ ଅତିଥି ଓ ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ପୂର୍ବତନ ଫୁଟବଲ ଖେଳାଳି ସ୍ୱର୍ଗତ ସୁଶୀଲ ପୃଷ୍ଟିଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମ ଦିନର ଖେଳରେ ନରହରିପୁର ଟିମ୍ ତାଳଚେର ରେଲୱେ ଟିମ୍‌କୁ ୩ –୦ ଗୋଲରେ ପରାସ୍ତ କରିଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପେସ୍କାର ଗଡ଼ନାୟକ, ସାଧାରଣ ସମ୍ପାଦକ ଚନ୍ଦନ ପ୍ରଧାନ, କୋଷାଧ୍ୟକ୍ଷ ପ୍ରହଲ୍ଲାଦ ପରିଡ଼ା, ଉପଦେଷ୍ଟା ଚୈତନ୍ୟ ପ୍ରଧାନ, ସଂଯୋଜକ ମନୋଜ ପ୍ରଧାନ, କମଳ ଲୋଚନ ସାହୁ, ଗୋପାଳ ଘୋଷ, ରଙ୍ଗାଧର ନାହାକ, ଟିକାୟତ ବେହେରା, ମନୋଜ ପ୍ରସାଦ, କରୁଣା ବାଇ, ଶେଖ ଫକୀର, ଗଗନ ସାହୁ, ସୁଜିତ ଗଡ଼ନାୟକ, ଯଶୋବନ୍ତ ଦାସ, ବୀରବର ସାହୁ, ସିଲୁ ସାହୁ, ହେମନ୍ତ ପ୍ରଧାନ, ବିଷ୍ଣୁ, ସୁଶାନ୍ତ ପ୍ରମୁଖ ସହଯୋଗ କରିଥିଲେ।

